ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/CEO(Od)/226/17-02-2024**

# ମୁଖ୍ୟ ନିର୍ବାଚନ କମିଶନରଙ୍କ ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ସମୀକ୍ଷା ବୈଠକ

ଭୁବନେଶ୍ୱର,୧୭/୦୨/୨୦୨୪:

ଓଡ଼ିଶାରେ ଏକକାଳୀନ ଲୋକସଭା ଓ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ଭାରତର ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ ରାଜୀବ କୁମାରଙ୍କ ସହ ନିର୍ବାଚନ କମିଶନର ଶ୍ରୀ ଅରୁଣ ଗୋଏଲ ଏବଂ ନିର୍ବାଚନ ଆୟୋଗଙ୍କ ଉଚ୍ଚସ୍ତରୀୟ ଏକ ପ୍ରତିନିଧି ମଣ୍ଡଳୀ ଓଡ଼ିଶା ଗସ୍ତରେ ଅଛନ୍ତି ।

ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ କୁମାର ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ଅଧିକାରୀମାନଙ୍କୁ ନେଇ ଆଗାମୀ ନିର୍ବାଚନର ପ୍ରସ୍ତୁତି ସଂପର୍କରେ ସମୀକ୍ଷା କରିଥିଲେ । ନିର୍ବାଚନ ସମୟରେ ଆଇନଶୃଙ୍ଖଳା ରକ୍ଷା ସହ ଶାନ୍ତିଶୃଙ୍ଖଳା ବଜାୟ ରଖି ନିର୍ବାଚନ କାର୍ଯ୍ୟ ପରିଚାଳନା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ କୁମାର ଜେନା ଓ ରାଜ୍ୟ ପୁଲିସ ଡିଜି ଶ୍ରୀ ଅରୁଣ କୁମାର ଷଡ଼ଙ୍ଗୀଙ୍କ ସହ ମୁଖ୍ୟ ନିର୍ବାଚନ କମିଶନର ଆଲୋଚନା କରିଥିଲେ । ନିର୍ବାଚନ ସମୟରେ ହେବାକୁ ଥିବା ସମ୍ଭାବ୍ୟ ବେଆଇନ୍ କାରବାରକୁ ରୋକିବା ନିମନ୍ତେ ଆଜି ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ କୁମାର ରାଜ୍ୟର ସମସ୍ତ ଏନ୍‌ଫୋରସ୍‌ମେଣ୍ଟ ଏଜେନ୍‌ସି ଯଥା: ରେଳବାଇ ସୁରକ୍ଷାବଳ, କେନ୍ଦ୍ରୀୟ ସୁରକ୍ଷାବଳ, ବିଏସ୍‌ଏଫ୍, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), ଆୟକର ବିଭାଗ, ସି.ଟି, ଜି.ଏସ୍.ଟି, ଏନ୍.ସି.ବି, ଭାରତୀୟ କୋଷ୍ଟଗାର୍ଡ, ଜଙ୍ଗଲ ବିଭାଗ, ରାଜ୍ୟ ପୋଲିସ ବିଭାଗ, ଡାକ ବିଭାଗ, ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି, ଭାରତୀୟ ରିଜର୍ଭ ବ୍ୟାଙ୍କ ପ୍ରଭୃତି ସଂସ୍ଥାର ମୁଖ୍ୟମାନଙ୍କ ସହ ଆଲୋଚନା କରି ନିର୍ବାଚନ ସମୟରେ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଶେଷରେ ମୁଖ୍ୟ ନିର୍ବାଚନ କମିଶନର ଏକ ସାମ୍ବାଦିକ ସମ୍ମିଳନୀରେ ଆଗାମୀ ସାଧାରଣ ନିର୍ବାଚନ ପ୍ରସ୍ତୁତି ସଂପର୍କରେ ସାମ୍ବାଦିକମାନଙ୍କୁ ପିପିଟି ମାଧ୍ୟମରେ ସୂଚନା ଦେଇ ବହୁସଂଖ୍ୟାରେ ରାଜ୍ୟର ଭୋଟରମାନେ ନିର୍ବାଚନରେ ଅଂଶଗ୍ରହଣ କରିବା ପାଇଁ ନିବେଦନ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଏହି ସମ୍ମିଳନୀରେ ନିର୍ବାଚନ କମିଶନର ଅରୁଣ ଗୋଏଲ, ବରିଷ୍ଠ ଉପନିର୍ବାଚନ କମିଶନର ଧର୍ମେନ୍ଦ୍ର ଶର୍ମା ଓ ନିତେଶ ବ୍ୟାସ୍, ବରିଷ୍ଠ ଡେପୁଟି ନିର୍ବାଚନ କମିଶନର ମନୋଜ କୁମାର ସାହୁ, ଡିଜି ମିଡ଼ିଆ ବି. ନାରାୟଣନ୍, ନିର୍ଦ୍ଦେଶକ ପଙ୍କଜ ଶ୍ରୀବାସ୍ତବ, ନିର୍ବାଚନ ଆୟୋଗଙ୍କ ସଚିବ ରାକେଶ କୁମାର ଓ ଡେପୁଟି ଡାଇରେକ୍ଟର ପି. ପାୱନ୍, ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଏନ୍. ତିରୁମାଲା ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରଫୁଲ୍ଲ କୁମାର ମଲ୍ଲିକ
ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଲୋକସମ୍ପର୍କ ଅଧିକାରୀ